# ଜିଲ୍ଲା ସ୍ତରୀୟ ଗାନ୍ଧି ଜୟନ୍ତୀ ସମାରୋହ ।

## Celebration of District level Gandhi Jayanti.

ଅନୁଗୋଳ,ତା.୦୨.୧୦: - ଯୁଗସ୍ରଷ୍ଟା ଜାତିର ଜନକ ମହାତ୍ମାଗାନ୍ଧି ଓ ଶାନ୍ତିର ଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କର ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧି ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଆୟୋଜିତ ସଭାରେ ମୁଖ୍ୟଅତିଥି ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ଗାନ୍ଧିଜୀଙ୍କ ଚିନ୍ତାଧାରା ଓ ଆଦର୍ଶକୁ ଅନୁସରଣ କରି ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଗାନ୍ଧୀଜି ତାଂକର ପ୍ରାସଙ୍ଗିକତା, ବିଚାରଧାରା,ନୀତି ଓ ଆଦର୍ଶ ପାଇଁ ବିଶ୍ୱରେ ପରିଚିତ । ସେ ହେଉଛନ୍ତି ସତ୍ୟ ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ । ଯୁବପିଢୀ ସତ୍ୟ ଓ ଅହିଂସାର ମାର୍ଗକୁ ଅନୁସରଣ କରି ଦେଶ ଗଠନରେ ନିଜକୁ ନିୟୋଜିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସମ୍ମାନିତ ବକ୍ତା ଭାବେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀ କୁମୁଦ ଚନ୍ଦ୍ର ଦାସ ଯୋଗ ଦେଇ ଗାନ୍ଧିଜୀଂକ ସତ୍ୟାଗ୍ରହ,ଅହିଂସା, ଗାନ୍ଧୀବାଦ, ଦେଶପ୍ରତି ଗାନ୍ଧିଜୀଙ୍କ ଅବଦାନ, ଗାନ୍ଧିଜୀଙ୍କର ଚରଖା ଓ କୁଟୀର ଶିଳ୍ପ ଏବଂ ତାଙ୍କର ମହାନ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଗାନ୍ଧିବାଦର ପ୍ରାସଂଗିକତା ଓ ଗାନ୍ଧୀ କିପରି ସମାଜର ଦୁର୍ବଳତମ ବ୍ୟକ୍ତିର କଥା ସବୁବେଳେ ଚିନ୍ତା କରୁଥିଲେ ସେ ସମ୍ପର୍କରେ ଶ୍ରୀ ଦାସ ପ୍ରକାଶ କରିବା ସହ ଗାନ୍ଧିଜୀଂକର ମହାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଡ.କୁଳମଣୀ ନାୟକ ଓ ବାଜି ରାଉତ ଛାତ୍ରାବାସର ଲିପି ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରୀମାନେ ଗୀତା ପାଠ,ପ୍ରାର୍ଥନା ଓ ଗାନ୍ଧିଜୀଂକର ପ୍ରିୟ ଭଜନ ଗାନ କରିଥିଲେ । ରେଭରେଣ୍ଡ ଯୋଶିୟ କାଉରି ବାଇବେଲ ପାଠ କରିଥିବା ବେଳେ ଜନାବ ମହମ୍ମଦ ରଜାକ କୋରାନ ପାଠ କରିଥିଲେ । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ ଚନ୍ଦ୍ର ପଣ୍ଡା, ବାର ଆସୋସିଏସନର ପୂର୍ବତନ ସଭାପତି ଶ୍ରୀ ଦିଲିପ କୁମାର ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦିଶ ରାଏ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀ ଧରଣୀଧର ନାଥଙ୍କ ସମେତ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି,ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଗଣ, ବୁଦ୍ଧିଜିବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାମଧୁନ ରେକର୍ଡ ବଜାଯାଇ ସହର ପରିକ୍ରମା କରାଯିବା ସହ ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଂକ ଦ୍ୱାରା ପ୍ରଭାତ ଫେରୀ କରାଯାଇ ଗାନ୍ଧି ପାର୍କ ଠାରେ ଏକତ୍ରିତ ହୋଇଥିଲେ । ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀମାନେ ବ୍ୟାଣ୍ଡ ପାର୍ଟି ସହ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ ତାଂକ କର୍ମଚାରୀମାନେ ପରିଚାଳନା କରିଥିଲେ ।

## ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ସମାରୋହ – ଆୟୋଜିତ ସଭାରେ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଅଧ୍ୟୟନ ଉପରେ ଗୁରୁତ୍ୱ ।

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜିଲ୍ଲା ସ୍ତରୀୟ ୧୫୦ତମ ଜୟନ୍ତୀ ସମାରୋହ ଜିଲ୍ଲା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ,ଜିଲ୍ଲା ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗାନ୍ଧିଜୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଗାନ୍ଧିଜୀଙ୍କ ଜୀବନ ଦର୍ଶନ,ବିଚାରଧାରା ଓ ଗାନ୍ଧୀ ତତ୍ତ୍ୱକୁ ଅନୁସରଣ କରି ସମାଜ ଓ ଦେଶର ପ୍ରଗତି ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଗାନ୍ଧିଙ୍କ ଗ୍ରାମ ସ୍ୱରାଜ ଉପରେ ଜିଲ୍ଲାପାଳ ଆଲୋକପାତ କରିବା ସହ ଗାନ୍ଧିବାଦ ଓ ତାଂକର ବାଣୀକୁ ଅନୁସରଣ କରିବାକୁ ସେ ଛାତ୍ର ଛାତ୍ରୀମାନଂକୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଇତିହାସ ବିଭାଗର ପ୍ରଧ୍ୟାପକ ପ୍ରଫେସର ପ୍ରୀତିଶ ଚନ୍ଦ୍ର ଆଚାର୍ଯ୍ୟ ଏହି ସମାରୋହରେ ଯୋଗ ଦେଇ ବିବେକାନୁମୋଦିତ ଭାବେ ଗାନ୍ଧିଙ୍କର ଆଦର୍ଶ,ସତ୍ୟ ଓ ଅହିଂସା ଆମ ଚତୁଃପାର୍ଶ୍ୱରେ ପରିବ୍ୟାପ୍ତ । ନିଜ ମଧ୍ୟରେ ଥିବା ହୀନମନ୍ୟତା ଓ ଶତ୍ରୁତା ଆଚରଣକୁ ଭୁଲି ବିବେକାନୁମୋଦିତ ଭାବେ ଗାନ୍ଧିଙ୍କର ଆଦର୍ଶ,ସତ୍ୟ ଓ ଅହିଂସା ନୀତିକୁ ନିଜ ମଧ୍ୟରୁ ଖୋଜି ବାହାର କରିପାରିଲେ ସମାଜର ବୃହତ୍ତର ସ୍ୱାର୍ଥ ସାଧିତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀମାନେ ଗାନ୍ଧିଜୀଙ୍କ ଆଦର୍ଶକୁ ଅନୁସରଣ କରିବା ସହ ଶିକ୍ଷକମାନଂକ ନିକଟରେ କୌଣସି ଦୂରତା ନ ରଖି ସ୍ୱାଧିନ ଭାବେ ମତାମତ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଗାନ୍ଧିଜୀଂକ ଜୀବନ ଦର୍ଶନରେ "ସାଧନ ଓ ସମାପ୍ତି" (means & end) ଉପରେ ମୁଖ୍ୟବକ୍ତା ଗୁରୁତ୍ୱାରୋପ କରିବା ସହ ଏହି ସାଧନକୁ ହାସଲ କରିବାକୁ ହେଲେ ଏକ ସମଦର୍ଶୀ ଚରିତ୍ରକୁ ନେଇ ସ୍ୱଚ୍ଛତା ଅନୁସରଣ କରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ । ଗାନ୍ଧିଙ୍କ ମହାନ ଆଦର୍ଶ ଓ ଜୀବନୀକୁ ଅନୁସରଣ କରିଥିବା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବାଜିରାଉତ ଛାତ୍ରାବାସରେ କର୍ମମୟ ଜୀବନ ବିତାଇଥିବା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ତାଂକର ଧର୍ମପତ୍ନୀ ମାଳତୀ ଦେବୀଂକ ନିରାଡମ୍ବର ଜୀବନୀ ସମ୍ପର୍କରେ ସେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀ ଶାନ୍ତନୁ କୁମାର ସର ଯୋଗ ଦେଇ ଗାନ୍ଧିବାଦର ଆବଶ୍ୟକତା ଓ ପ୍ରସଙ୍ଗିକତା ସମ୍ପର୍କରେ ଆଲୋକପାତ କରିବା ସହ ଗାନ୍ଧିଙ୍କୁ ଭାରତର ଆତ୍ମା ଓ ଅସ୍ମିତା ଭାବେ ଅଭିହିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗାନ୍ଧୀଜୀଂକ ଆତ୍ମଜୀବନୀ (My experiments with Truth )କୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିବା ସହ ତାଂକର ଆଦର୍ଶକୁ ଅନୁସରଣ କରି ନିଜର ଦାୟିତ୍ୱ ନିଷ୍ଠାର ସହ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ ଯୋଗ ଦେଇ ଗାନ୍ଧୀଂକ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହାକୁ ଦୈନନ୍ଦିନ କାର୍ଯ୍ୟରେ ଲଗାଇ ନିଜର ଦାୟିତ୍ୱ ସମ୍ପାଦନ କରିପାରିଲେ ଆଜିର ଜୟନ୍ତୀ ସମାରୋହରେ ଏହା ତାଂକ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ଜିଲ୍ଲା ସାହିତ୍ୟ ସଂସଦର ସଭାପତି ଶ୍ରୀ କୁମୁଦ ଚନ୍ଦ୍ର ଦାସ ମହାତ୍ମାଗାନ୍ଧୀଂକୁ ଈଶ୍ୱରଂକ ସହିତ ତୁଳନା କରିବା ସହ ତାଂକର ମାନବବାଦ,ନୀତି ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଜିଲ୍ଲା ସାହିତ୍ୟ ସଂସଦ ଦ୍ୱାରା ଗାନ୍ଧିଜୀଙ୍କ ସମ୍ପର୍କରେ 'ଗାନ୍ଧି ମହାତ୍ମା' ଶିର୍ଷକ ପୁସ୍ତକ ଉନ୍ମୋଚନ ହୋଇଥିଲା । ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଜିଲ୍ଲା ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପର୍ଯ୍ୟଟନ ପର୍ବ ୨୦୧୯ ପାଳନ ଅବସରରେ ଜଲ୍ଲା ପର୍ଯ୍ୟଟନ ବିଭାଗ ଦ୍ୱାରା ବ୍ଲକ୍ ଓ ଜିଲ୍ଲା ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତ୍ୟୁଷା ଅମାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦିଶ ରାଏ ଓ ଜିଲ୍ଲା ଗ୍ରନ୍ଥାଗାରିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଓଡଣ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନାଟକ 'ଚମ୍ପା' ଓ ଆଦ୍ରୁତା ଶିଶୁ ଗୃହର ଅନ୍ତେବାସୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା । ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରିଥିଲେ । ଗାନ୍ଧୀଜୀଙ୍କ ଆତ୍ମଜୀବନୀ ଓ ଆଦର୍ଶ ଉପରେ ଆଧାରିତ ଜଣା ଅଜଣା କାର୍ଯ୍ୟକ୍ରମକୁ ଶ୍ରୀ ଶାନ୍ତନୁ କୁମାର ସର ପରିଚାଳନା କରିଥିବା ବେଳେ ଜିଲ୍ଲା ସାହିତ୍ୟ ସଂସଦ ଦ୍ୱାରା କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ରାଧାକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ହୁଲୁରୁସିଙ୍ଗା ଠାରୁ ସିମିଳିପଡାର ଗାନ୍ଧିମାର୍ଗର ନାମକରଣକୁ ନେଇ ୨ଟି ସ୍ଥାନରେ ଜିଲ୍ଲାପାଳ ଫଳକ ଉନ୍ମୋଚନ କରିବା ସହ ହୁଲୁରୁସିଂହାରୁ ସିମିଳିପଡା ପର୍ଯ୍ୟନ୍ତ ଐତିହ୍ୟ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି ପଦଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ,ବିଶିଷ୍ଟ ବ୍ୟକ୍ତି,ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ ଗାନ୍ଧିଜୀଙ୍କ ବେଶଭୂଷାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଉଦ୍ୟାନ ବିଭାଗ ଦ୍ୱାରା ଗାନ୍ଧୀମାର୍ଗର ସରସ୍ୱତୀ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ଜିଲ୍ଲାପାଳ ଓ ବିଭିନ୍ନ ବ୍ୟକ୍ତି ବିଶେଷ ବୃକ୍ଷରୋପଣ କରିଥିଲେ । ଏହି ଅବସରରେ କଣିହାଁର କୁଲେଇ ଗ୍ରାମରେ ଜିଲ୍ଲାପାଳ "ଲୋକକଳା ଗ୍ରାମ"ର ଲୋକାର୍ପଣ କରିବା ସହ କଂସମୁଣ୍ଡାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିଛନ୍ଦ ପ୍ରଧାନଙ୍କୁ ତାଙ୍କ ନିଜ ବାସଗୃହରେ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରମେଶ ଜେନା, ତାଳଚେର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୌରଭ ପ୍ରଧାନ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ,ଶିକ୍ଷକ,ଶିକ୍ଷୟତ୍ରୀ,ବିଶିଷ୍ଟ ବ୍ୟକ୍ତି,ଗାନ୍ଧିବାଦୀ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଅପରାହ୍ନରେ କବିତା ପାଠୋତ୍ସବ ଜିଲ୍ଲା ସାହିତ୍ୟ ସଂସଦ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏଥିରେ ୫୦ ଜଣ କବି ଓ କାବ୍ୟୟତ୍ରୀ ଅଂଶଗ୍ରହଣ କରିଥିବାବେଳେ,ଶ୍ରୀ ଶାନ୍ତନୁ କୁମାର ସର,ଅଧ୍ୟାପିକା ପ୍ରତିଭା ସାହୁ ଓ କାବ୍ୟୟତ୍ରୀ ଲତିକା ମହାପାତ୍ର ଏହାକୁ ପରିଚାଳନା କରିଥିଲେ । ସେହିପରି ୧୯୩୪ ମସିହା ମେ ମାସ ୫ ତାରିଖରେ ଗାନ୍ଧିଜୀ ବାମୁର ଠାରେ ରାତ୍ରୀଯାପନ କରିଥିବାରୁ ସେଠାରେ ଆଜି ଠାରୁ ଆସନ୍ତାକାଲି ୨ଦିନ ବ୍ୟାପି ଗାନ୍ଧି ଜୟନ୍ତୀ ପାଳନ କରାଯାଉଛି ।






HATSUN


PANTHER








FIT INDIA MOVEMEN
SWACHHA BHARAT
ANGUL
2nd October
Org. by : Dist. Admistration
(Dist. sports Office), Angul


ସତ୍ୟ ହିଁ ମୋ ପାଇଁ ଈଶ୍ୱର ଓ
ଅହିଂସା ଏହାର ଉପଲବ୍ଧିର ମାଧ୍ୟମ
ସତ୍ୟ କହୁଥିବା ବ୍ୟକ୍ତିର
ଅସ୍ତ୍ର ହେଉଛି ସତ୍ୟାଗ୍ରହ
ରୋଗ ଅପେକ୍ଷା, ରୋଗର ଭୟ
ଅଧିକାଂଶ ଲୋକଙ୍କୁ ମାରିଥାଏ
HONDA

